## ଟାଟା 'ଟି' ଇଣ୍ଟର ସ୍କୁଲ ଫୁଟ୍‌ବଲ୍

# ରାକେଶ, ପ୍ରକାଶ ଶ୍ରେଷ୍ଠ ପ୍ରତିଭା



ଭୁବନେଶ୍ୱର: ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍ ଠାରେ ଟାଟା କମ୍ପାନୀ ପକ୍ଷରୁ ୫ମ ଟାଟା 'ଟି' ଜାଗୋରେ ଇଣ୍ଟର ସ୍କୁଲ୍ ଫୁଟ୍‌ବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଇଣ୍ଟର ମିଲାନ କ୍ଲବ୍ ସମଗ୍ର ବିଶ୍ୱରେ ଫୁଟବଲ୍ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ କରିଛି। ଭାରତର ୧୫ଟି ସ୍ଥାନରୁ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଗୁରୁବାର କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶାରୁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏଥିରେ କଟକର ୫ଟି ଦଳ, ସମ୍ବଲପୁରର ଗୋଟିଏ ଦଳ ଏବଂ ଭୁବନେଶ୍ୱରର ମୋଟ୍ ୩୪ଟି ଦଳ ଭାଗନେଇଥିଲେ। ପ୍ରସିଦ୍ଧି ଅର୍ଜନ କରିଥିବା ପୂର୍ବତନ ଫୁଟବଲ୍ ତାରକା ମହମ୍ମଦ ନାସିର୍ ମୁଖ୍ୟ ମନୋନୟନ କାରି ଭାବେ ପ୍ରତିଭା ଚୟନ କରିଥିଲେ। ସମ୍ବଲପୁର ଟାଉନ୍ ସ୍କୁଲ୍‌ର ରାକେଶ ଓରାମ ଏବଂ ପିଏମ୍ ଏକାଡେମିର ପ୍ରକାଶ ନାୟକଙ୍କୁ ଶ୍ରେଷ୍ଠ ପ୍ରତିଭା ଭାବେ ମନୋନୀତ କରାଯାଇଛି। ଫାଇନାଲ୍‌ରେ ଟାଉନ୍ ହାଇସ୍କୁଲ୍ ସମ୍ବଲପୁର ସୟୋଦ ସେମିନାରୀ କଟକକୁ ୩-୨ ଗୋଲ୍‌ରେ(ଟ୍ରାଇବ୍ରେକର ଜରିଆରେ) ପରାସ୍ତ କରି ଚାମ୍ପିଅନ୍ ହୋଇଛି।

ଏହି ଟୁର୍ଣ୍ଣାମେଣ୍ଟକୁ ଶଙ୍କର୍ଷଣ ଜେନା, ପ୍ରକାଶ ଦାସ, ମହେଶ୍ୱର ସିଂ, ସୁଶାନ୍ତ ମହାନ୍ତି, ରାଜେନ୍ଦ୍ର ବେହେରା, ଶେଖାଓ୍ୱତ ଖାନ୍, କ୍ଷିରୋଦ୍ ଦାସ୍, ସରୋଜ ମହାରଣା ରେଫରୀ ଭାବେ ପରିଚାଳନା କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଅନ୍ତର୍ଜାତୀୟ କରାଟେ ଚାମ୍ପିଅନ୍ ଭାଲିନା ଭାଲେଣ୍ଟିନା, ଅରବିନ୍ଦ ମିତ୍ର, ନବରଞ୍ଜନ ପଟ୍ଟନାୟକ, ରଘୁନାଥ ପଣ୍ଡା, ନରେନ୍ଦ୍ର ସେଠୀ, କଳିଙ୍ଗ ଷ୍ଟାଡିୟମ୍‌ର ଇନ୍‌ଚାର୍ଜ ବରିଷ୍ଠ ପ୍ରଶିକ୍ଷକ କୁମାର ରଂଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିବା ବେଳେ ଟାଟା ଟି' ପକ୍ଷରୁ ହାଇଲାଇଫ୍ ଇଭେଣ୍ଟ ମ୍ୟାନେଜ୍ ମେଣ୍ଟ କନସଲଟାନ୍ସିର ଅଧିକରୀ ଏହି ଉତ୍ସବକୁ ପରିଚାଳନା କରିଥିଲେ।